## ସଂକ୍ଷେପରେ

### ସଂରକ୍ଷଣ ନିଷ୍ପତ୍ତିକୁ ସ୍ୱାଗତ

ନବରଙ୍ଗପୁର,୨୮।୧୨(ବି.ପ୍ର.) ସରକାରୀ ହାଇସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସ୍ଥାନ ସଂରକ୍ଷଣ ନିମନ୍ତେ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏଥିପାଇଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏକ ସଭା କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆର୍‌ସିଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ଶିକ୍ଷୟିତ୍ରୀ ଭାରତୀ ବିଷୋୟୀଙ୍କ ସମେତ ଅଭିଭାବକ ଲସେସ ନାଗ, ବାବୁଲା ପରିଚ୍ଛା, ରୁନୁ ସାହୁ ଓ ଭାଗ୍ୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠପଢ଼ା ନେଇ ପ୍ରତିଯୋଗିତା ମନୋଭାବ ଜାଗ୍ରତ ହେବ। ଅଭିଭାବକ ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବାକୁ ମନ ବଳାଇବେ। ପିଲାଙ୍କ ପାଠପଢ଼ା ଆଗ୍ରହ ସହ ସରକାରଙ୍କ ପଦକ୍ଷେପ ଫଳପ୍ରଦ ହୋଇ ପାରିବ।

### 'କୋଭିଡ୍ ଓ ମହାମାରୀ' ଶୀର୍ଷକ ଆଲୋଚନାଚକ୍ର

ନବରଙ୍ଗପୁର,୨୮।୧୨(ବି.ପ୍ର.) କୋଭିଡ୍ ମହାମାରୀ ଯୋଗୁ ଦୀର୍ଘ ୯ ମାସ ହେବ ବନ୍ଦ ଥିବା କୁଞ୍ଜ ବିହାରୀ ପାଠାଗାରର ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ହରିହର ନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। 'କୋଭିଡ୍ ଓ ମହାମାରୀ' ଶୀର୍ଷକ ଆଲୋଚନାଚକ୍ରରେ ଡାକ୍ତର ଅମ୍ବିକା ପ୍ରସାଦ ପାଣିଗ୍ରାହୀ ଓ ଡକ୍ଟର ରଘୁନାଥ ଶତପଥୀ ଅତିଥିଭାବେ ଯୋଗ ଦେଇଥିଲେ। ଦେବାଶିଷ ପଟ୍ଟନାୟକ ଅତିଥିଙ୍କୁ ସମ୍ମାନିତ କରିଥିଲେ। କରୋନା ଏ ପର୍ଯ୍ୟନ୍ତ ଯାଇନାହିଁ। ଆମକୁ ଏବେବି ସତର୍କ ରହିବାକୁ ପଡ଼ିବ ବୋଲି ଡକ୍ଟର ରଘୁନାଥ ଶତପଥୀ କହିଥିଲେ। କୋଭିଡ୍-୧୯ ସମଗ୍ର ବିଶ୍ୱର ଆର୍ଥିକ ଓ ସାମାଜିକ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି ବୋଲି ଅନୁଷ୍ଠାନର ସଭାପତି ନାରାୟଣ ପଣ୍ଡା କହିଛନ୍ତି। ରଜନୀ ପାତ୍ରଙ୍କ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ସାହିତ୍ୟିକ ଗୋପବନ୍ଧୁ ବିଶୋୟୀ, ଜେମାମଣି ବିଶୋୟୀ, ଜଗଦୀଶ ତ୍ରିପାଠୀ, ନିରଞ୍ଜନ ମିଶ୍ର, ଜଗନ୍ନାଥ ରାଓ, ରାଧାନାଥ ବେହେରା, ରବିକାନ୍ତ ରଘୁରାମ ପ୍ରମୁଖ ଯୋଗ ଦେଇଥିଲେ।

### ପରୀକୁ ନ୍ୟାୟ ଦାବି

ନବରଙ୍ଗପୁର,୨୮।୧୨(ବି.ପ୍ର.) ପରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀଙ୍କୁ କଠୋରରୁ ଅତି କଠୋର ଦଣ୍ଡ ଦେବାକୁ ଓଡିଶା ପ୍ରଗତି ଦଳ ଦାବି କରିଛି। ପରୀର ପରିବାରକୁ ଆର୍ଥିକ ସୁବିଧା ଓ ସରକାରୀ ଯୋଗାଇ ଦିଆଯାଉ ବୋଲି ଦଳ ପକ୍ଷରୁ କୁହାଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ପ୍ରଦାନ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିଶୁ କନ୍ୟା ପରୀର କଲାହାର ଓ ହତ୍ୟା ଓଡିଶାବାସୀଙ୍କ ମନରେ ଭୟ ଓ ହତାଶ ଭାବନା ସୃଷ୍ଟି କରିଛି। ଏଭଳି ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ କ'ଣ ବୋଲି ଦାବିପତ୍ରରେ ପ୍ରଶ୍ନ କରାଯାଇଛି। ଦଳ ପକ୍ଷରୁ କରାଯାଇଥିବା ଦାବିକୁ ଅଣଦେଖା କଲେ ରାସ୍ତାକୁ ଓହ୍ଲାଇବୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଆରମ୍ଭ ପୂର୍ବରୁ ବିରୋଧ



ବୈଠକରେ ଉପସ୍ଥିତ ଅତିଥି।

**ଭାରତମାଳା ସଡ଼କ ଯୋଜନା**
- ୨ପଞ୍ଚାୟତର ଜମି ହରାଉଥିବା ଲୋକେ ହେଲେ ଏକାଠି
- ବହୁ କମ ଅର୍ଥ ଦେବାକୁ ପ୍ରସ୍ତାବ ଦେଇଛନ୍ତି ସରକାର
- ଅନ୍ୟତ୍ର ସେହି ପରିମାଣର ଜମି ଦେବାକୁ ବିଧାୟକଙ୍କ ଦାବି

କୋରାପୁଟ,୨୮।୧୨(ସ୍ୱ.ପ୍ର.)

କୋରାପୁଟ ଦେଇ ରାୟପୁରରୁ ବିଶାଖାପାଟଣାକୁ ମାତ୍ର ୭ ଘଣ୍ଟାରେ ଯାତ୍ରା କରିବା ଉଦ୍ଦେଶ୍ୟରେ ଭାରତମାଳା ଯୋଜନା କରାଯାଉଛି। ଏଥିରେ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ଏହି ପ୍ରକଳ୍ପ ଏବେ ବିରୋଧର ସମ୍ମୁଖୀନ ହେଲାଣି। ପ୍ରକଳ୍ପ ପାଇଁ ଜମି ହରାଉଥିବା ବ୍ୟକ୍ତିମାନେ ଜମି ବଦଳରେ ଉଚିତ କ୍ଷତିପୂରଣ ପାଇବା ନେଇ ସନ୍ଦେହ ପ୍ରକାଶ ପାଇଛି। ଜମି ଅଧିଗ୍ରହଣ ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ କମ୍ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋରାପୁଟ ବ୍ଲକର ମହାଦେଇପୁଟ ଓ ମସ୍ତିପୁଟ ପଞ୍ଚାୟତରେ ଏକର ପିଛା ବଜାର ଦର ୫ରୁ ୮ ଲକ୍ଷ ପର୍ଯ୍ୟନ୍ତ ଥିବାବେଳେ ସରକାର ୩୦ ହଜାର ଟଙ୍କା ଦେବାକୁ ପ୍ରସ୍ତାବ ରଖିଛନ୍ତି। ଏହାକୁ ଜମି ହରାଉଥିବା ଗ୍ରାମବାସୀ ଗ୍ରହଣ କରିପାରୁନାହାନ୍ତି। କୋରାପୁଟ ବ୍ଲକର ମସ୍ତିପୁଟ ପଞ୍ଚାୟତର ଲିଟିଗୁଡାଠାରେ ଦୁଇ ପଞ୍ଚାୟତର ଜମି ହରାଉଥିବା ବ୍ୟକ୍ତି ଏକାଠି ହୋଇ ଆଲୋଚନା କରିଛନ୍ତି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଥିଲେ। ଜମିହରାଙ୍କୁ ଥଇଥାନ, କ୍ଷତିପୂରଣ ସହ ଅନ୍ୟତ୍ର ସେହି ପରିମାଣର ଜମି ପ୍ରଦାନ କରାଯାଉ ସେ କହିଛନ୍ତି। ଜାନୁୟାରୀ ୨୧ରେ କୋରାପୁଟଠାରେ ହେବାକୁ ଥିବା ଜନଶୁଣାଣି ପୂର୍ବରୁ ୪ରେ ଏନେଇ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ନଦେଲେ ଭାରତମାଳା ଯୋଜନା ଅନ୍ତର୍ଗତ ସଡକ ନିର୍ମାଣକୁ ବିରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ମହାଦେଇପୁଟ ପଞ୍ଚାୟତର ରଙ୍ଗମାଟି ଗ୍ରାମର ବହୁ ଘର ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ। ରାୟପୁର ବିଶାଖାପାଟଣା ମଧ୍ୟରେ ବର୍ତ୍ତମାନ ଦୂରତା ୫୧୪ କିମି ଥିବାବେଳେ ପ୍ରସ୍ତାବିତ ଭାରତମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ୪୬୪ କିମି ହେବ। ପୂର୍ବରୁ କୋରାପୁଟ ଜିଲାର ଜଳଭଣ୍ଡାର ଖଣିଖାଦନ ପାଇଁ ଜମିହରାମାନେ ଏଯାଏ କ୍ଷତିପୂରଣ ନ ପାଇ ସଂଗ୍ରାମ ଜାରି ରଖିଛନ୍ତି। ପୁଣି ଏକ ପ୍ରକଳ୍ପ ପାଇଁ ଜମି ହରାଇବାକୁ ପଡୁ ଥିବାରୁ ସେମାନଙ୍କ ମନରେ ବିଭିନ୍ନ ଆଶଙ୍କା ପ୍ରକାଶ ପାଇଛି। ବୈଠକରେ ଜିଲା କଂଗ୍ରେସ ବ୍ଲକ ସଭାପତି ବାବୁଲା ବେନିଆ, କଂଗ୍ରେସ ନେତା କୃଷ୍ଣ କୁଲଦୀପଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଆସନ୍ତା ୪ରେ ଆମେ ଜନ ଶୁଣାଣି ରଖିଛୁ । ଏଥିରେ ଯୋଗ ଦେବାକୁ କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ଜଣାଇଛୁ । ସେଠାରେ ଆଲୋଚନା ପରେ ଯାହା ପଦକ୍ଷେପ ନିଆଯିବ ।

# ସରକାରଙ୍କ ନିଷ୍ପତ୍ତିରେ ଛାତ୍ରୀଛାତ୍ର ଖୁସି

**ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି**

ରାୟଗଡ଼ା ଅଫିସ,୨୮।୧୨

ସରକାରୀ ହାଇସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସ୍ଥାନ ସଂରକ୍ଷଣ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯିବା ପରେ ରାୟଗଡ଼ା ଜିଲାରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଜିସିଡି ହାଇସ୍କୁଲଠାରେ ଏକାଠି ହୋଇ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମ୍ୟାଟ୍ରିକ୍ ପରେ ଗ୍ରାମାଞ୍ଚଳର ଗରିବ ଏବଂ ଏସ୍‌ସି, ଏସ୍‌ଟି ବର୍ଗର ପିଲାମାନେ ଅର୍ଥ ଅଭାବରୁ କୋଚିଂ ନେଇପାରୁ ନାହାନ୍ତି। ଫଳରେ ସର୍ବଭାରତୀୟ ସ୍ତରୀୟ ପରୀକ୍ଷା ଦେଇ ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରୀ ହାଇସ୍କୁଲରେ ପଢୁଥିବା ମେଧାବୀ ପିଲାମାନଙ୍କୁ ମେଡିକାଲ ଏବଂ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସ୍ଥାନ ସଂରକ୍ଷଣ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା



ପରିବାର ଏବଂ ଶୁଭେଚ୍ଛୁଙ୍କ ଗହଣରେ ରାଜେନ୍ଦ୍ର ।

**ଦୁଇ କିଡ୍‌ନୀ ଅକାମୀ ଯୋଗୁ ଭୋଗୁଛନ୍ତି କଷ୍ଟ**

ଗୁଣପୁର,୨୮।୧୨(ଡି.ଏନ୍.ଏ.)

ପେଣ୍ଟିଂ କରି ପରିବାର ଚଳାଇଥିଲେ। ହେଲେ ଯୁବାବସ୍ଥାରେ ଦୁଇଟି ଯାକ କିଡ୍‌ନୀ ଅଚଳ ହୋଇଗଲା। ତିନି ମାସ ତଳେ ଏହା ଜାଣିବା ପରେ ପରିବାର ଦୁଃଖରେ ଭାଙ୍ଗିପଡ଼ିଛି। ଏ ହେଉଛି ରାୟଗଡ଼ା ଜିଲା ଗୁଣପୁର ସହରର ରାଜେନ୍ଦ୍ର ସିଂହମାଙ୍କ କାହାଣୀ।ସ୍ୱାସ୍ଥ୍ୟ ଖରାପ ଯୋଗୁ ବାପା ନରସିଂହ ସିଂହମା ରାଜେନ୍ଦ୍ରଙ୍କୁ ନେଇ କଟକ ଡ଼ ମେଡିକାଲ ଯାଇଥିଲେ। ସେଠାରେ ପୁଅର ୨ କିଡ୍‌ନୀ କାମ କରୁ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ନରିସଂହ ପୁଅକୁ ଗୋଟିଏ କିଡ୍‌ନୀ ଦାନ କରିବାକୁ ପ୍ରସ୍ତୁତ ହୋଇଥିଲେ। ହେଲେ ଏହା ଏତେ ସହଜ ନ ଥିଲା। କିଡ୍‌ନୀ ବାହାର କରି ରାଜେନ୍ଦ୍ରଙ୍କ ଶରୀରରେ ପ୍ରତିରୋପଣ କରିବା ପାଇଁ ଆବଶ୍ୟକ ଅର୍ଥ ତାଙ୍କ ନିକଟରେ ନାହିଁ। ତେଣୁ ପୁଅର ଚିକିତ୍ସା କିପରି ହେବ ସେ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ନିକଟରେ ଭଜପା ମହିଳା ମୋର୍ଚ୍ଚାର ସୁଜାତା ପଟ୍ଟନାୟକ ଏବଂ ପୂର୍ବତନ କାଉନସିଲର ଲକ୍ଷ୍ମୀ ଶ୍ରୀରାମଙ୍କ ସହାୟତାରେ ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାପରେ ୫ହଜାର ଟଙ୍କା ସହାୟତା ମିଳିଛି। ତେବେ ଏହା ଚିକିତ୍ସା ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ତେଣୁ ସରକାରଙ୍କ ପକ୍ଷରୁ ଅଧିକ ସହାୟତା ମିଳିଲେ ପୁଅର ଚିକିତ୍ସା ହୋଇପାରିବ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି।

# ବିଭିନ୍ନ ସ୍ଥାନରେ କଂଗ୍ରେସର ପ୍ରତିଷ୍ଠା ଦିବସ



ପଟ୍ଟାଙ୍ଗୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ ।

ପଟ୍ଟାଙ୍ଗୀ/କୁନ୍ଦୁରା/ଦଶମନ୍ତପୁର, ୨୮।୧୨(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକସ୍ଥିତ ଡାକବଙ୍ଗଳା ପରିସରରେ ବ୍ଲକ କଂଗ୍ରେସ କମିଟିପକ୍ଷରୁ କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ଏମ୍‌ପି ପ୍ରତିନିଧି ଅର୍ଜୁନ ବାଙ୍କାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କର୍ମୀମାନେ ଏକ ଶୋଭାଯାତ୍ରାରେ ଡାକବଙ୍ଗଳାରେ ପହଞ୍ଚିଥିଲେ। ଶ୍ୟାମସୁନ୍ଦର ମହାନ୍ତି ପରିଚୟ ଦେଇଥିଲେ। ନୂତନ ନିଯୁକ୍ତି ପାଇଥିବା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଗୁପ୍ତ ଶଙ୍କର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ନିର୍ବାଚନରେ ଦଳକୁ ଯେପରି ସଫଳତା ମିଳିବ ସେଥିପାଇଁ ସମସ୍ତ କର୍ମୀ କାର୍ଯ୍ୟ କରନ୍ତୁ ବୋଲି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ପରାମର୍ଶ ଦେଇଥିଲେ। ନନ୍ଦପୁର ବ୍ଲକ ପୂର୍ବତନ ସଭାପତି କାମେଶ କାମେଡ଼ି, ସେମିଳିଗୁଡାର ପୂର୍ବତନ ସଭାପତି ସନିଆ ମାଝୀ, ରାମକ୍ରିଷ୍ଣା ପଡାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ସମିତିସଭ୍ୟ କାମିନୀ ଖିଲ,ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ କଂଗ୍ରେସ ଭବନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜାଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଂଗ୍ରେସ ଦ୍ୱାରା ହୋଇଥିବା ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ଭବାନୀ ଶଙ୍କର ରଥ ସୂଚନା ଦେଇଥିଲେ। ଯୁବ କଂଗ୍ରେସ ସଭାପତି ରାଜେଶ ଗୁରୁ,ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରୀ ମଲ୍ଲିକ, ଜିଲା ପରିଦେ ସଭ୍ୟ(କ) ଲକ୍ଷ୍ମୀ ମିନରବାଲିଆ,ବିଶୁ ଜେନା, ନରେନ୍ଦ୍ର ପାଢୀ ଉପସ୍ଥିତ ଥିଲେ।

ଦଶମନ୍ତପୁର ବ୍ଲକସ୍ଥିତ କଲ୍ୟାଣ ମଣ୍ଡପରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଖରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଏମ୍‌ପି ପ୍ରତିନିଧି ରୁପକ ତୁରୁକ , ରମେଶ ଖରା, ଜୋନ-୧ର ବ୍ଲକ ଉପ ସଭାପତି ରମେଶ ଭତ୍ରା, ବରିଷ୍ଠ ନେତା ଦିଲୀପ ବାଘ, ସେବାଦଳ ସଭାପତି ସୁବାଷ ଖୋସଲା, ଜୋନ-୨ର ବ୍ଲକ ସଭାପତି ତ୍ରିନାଥ ବିଶୋୟୀ, ସଂପାଦକ ସୁଶିଳ କୁମାର ଖରା ଉପସ୍ଥିତ ଥିଲେ।

# ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ

ଲମତାପୁଟ,୨୮।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ସିନ୍ଧିପୁଟ ଘାଟରେ ବୋଟ୍ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି। ଏହାଦ୍ୱାରା ବ୍ଲକର ବିଚ୍ଛିନ୍ନାଞ୍ଚଳ ରୂପେ ରହୁଥିବା ୪ ପଞ୍ଚାୟତ ଟିକରପଡା, ଉମ୍ମେଲ, କୁମାରଗନ୍ଧଣା ଓ ବନମାଳୀପୁଟ ଅଞ୍ଚଳବାସୀ ଉପକୃତ ହେବେ। କୋଲାବ ଜଳଭଣ୍ଡାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ବୋଟ୍ ସିନ୍ଧିପୁଟ ଘାଟରେ ପଡ଼ିରହିଥିଲା। ଏବେ ଘାଟରେ ଏହି ବୋଟ୍‌ସେବା ଆରମ୍ଭ ହୋଇଛି। ଟିକରପଡା, ଉମ୍ମେଲ, କୁମାରଗନ୍ଧଣା, ବନମାଳୀପୁଟ, ବାରେଙ୍ଗାଗୁଡା, ଖମାରି ଓ ଦୁର୍ଲା ଘାଟରେ ଅଞ୍ଚଳବାସୀ ବିନାମୂଲ୍ୟରେ ଏହି ଆମ୍ବୁଲାନ୍ସ ସେବା ପାଇପାରିବେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଅଞ୍ଚଳବାସୀ ଯାତାୟାତ ପାଇଁ ଏବଂ ଡାକ୍ତରଖାନାକୁ ରୋଗୀ ନେବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ବିଡିଓ ସୌମ୍ୟ ସାର୍ଥକ ମିଶ୍ର, ତହସିଲଦାର ମାନସରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଡ. ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମଦ୍ ଭାଗବତ କଥା ଆରମ୍ଭ




ଗାଁ ଦାଣ୍ଡରେ ଭଜନ କୀର୍ତ୍ତନ କରାଯାଉଛି।

କୋଟିଙ୍ଗା, ୨୮।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବିଏମସେମଳା ପଞ୍ଚାୟତ ତାଡିଆମାଝିଗୁଡ଼ା ଗ୍ରାମରେ ସୋମବାର ଏକଲ ଅଭିଯାନର ରଜତ ଜୟନ୍ତୀ ଉପଲକ୍ଷେ ଶ୍ରୀମଦ୍ ଭାଗବତ କଥାର ଶୁଭାରମ୍ଭ କରାଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ବ୍ୟାସକଥା ମଞ୍ଚ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ମହିଳାମାନେ କଳସ ଯାତ୍ରାରେ ଯାଇ ପାଣି ଆଣିଥିଲେ। ଏହି ସମୟରେ ଭଜନକୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀମଦ୍ ଭାଗବତ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାମଧର ପୂଜାରୀ, ପ୍ରହ୍ଲାଦ ଗରୁଡ ପ୍ରମୁଖ ପରିଚାଳନା କରିଥିଲେ।

# କୋରାପୁଟରେ ୩୦ରୁ ଖୋଲିବ ଧର୍ମାନୁଷ୍ଠାନ

କୋରାପୁଟ,୨୮।୧୨(ସ୍ୱ.ପ୍ର.)

କରୋନା ପାଇଁ କୋରାପୁଟ ଜିଲାରେ ବନ୍ଦ ଥିବା ଧର୍ମାନୁଷ୍ଠାନଗୁଡିକ ଆସନ୍ତା ୩୦ରୁ ଖୋଲିବ। ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ତେବେ ସେହି ଗୋଟିଏ ଦିନ ଖୋଲାଯିବା ପରେ ତା'ପରଦିନ ଡିସେମ୍ବର ୩୧, ଜାନୁଆରୀ ୧ ଓ ୨ ତାରିଖ ବନ୍ଦ ରହିବ। ୩ରୁ ସମସ୍ତ ଧର୍ମାନୁଷ୍ଠାନ ସ୍ୱାଭାବିକ ଭାବେ ଖୋଲାଯିବ ଜିଲା ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍ସାନି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଏଏସ୍‌ପି ଉତ୍କଳ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଧର୍ମାନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କରୋନା ଯୋଗୁ ୯ମାସ ଧରି ମନ୍ଦିର ସମେତ ବିଭିନ୍ନ ଧର୍ମାନୁଷ୍ଠାନଗୁଡିକ ବନ୍ଦ ରହିଛି।

# ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ସରକାରୀ ସହାୟତା



ଜିଲାପାଳ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ଆର୍ଥିକ ସହାୟତା ଦେଉଛନ୍ତି।

ମାଲକାନଗିରି,୨୮।୧୨ (ଡି.ଏନ୍.ଏ.)

ଚଳିତବର୍ଷ କୋଭିଡ୍‌ର ମୁକାବିଲା କରି ମୃତ୍ୟୁବରଣ କରିଥିବା କରୋନା ଯୋଦ୍ଧାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସମ୍ପୃକ୍ତ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଜିଲାପାଳ ୱାଇ. ବିଜୟ ସୋମବାର ଦେଇଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ବିଜାପଦରରେ କାର୍ଯ୍ୟରତ ଫାର୍ମାସିଷ୍ଟ ୱାଇ. ରାଜକୁମାର କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଥିଲେ। ସେ ରୋଗୀଙ୍କ ଚିକିତ୍ସା କରୁଥିବା ସମୟରେ ୨୯।୮।୨୦ରେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ। ଫଳରେ ତାଙ୍କର ୨୦।୯।୨୦ରେ ମୃତ୍ୟୁ ହୋଇଥିଲା। ସରକାରଙ୍କ ପକ୍ଷରୁ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ସରକାର ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ସେତେବେଳେ ଘୋଷଣା କରିଥିଲେ। ଏହି ସହାୟତା ବୀମାରାଶି ଜିଲାପାଳ ସୋମବାର ରାଜକୁମାରଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ରାଜକୁମାରଙ୍କ ସ୍ତ୍ରୀ ୱାଇ. ପ୍ରେମଲତା ଏହା ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାରେ ୩ ଜଣ କୋଭିଡ୍ ଯୋଦ୍ଧାଙ୍କ କରୋନାରେ ମୃତ୍ୟୁ ହୋଇଛି। ହୋମ୍‌ଗାର୍ଡ ରନ ହନ୍ତାଳଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ କରାଯାଇଥିବା ବେଳେ ମ୍ୟାଲେରିଆ ସ୍ୱାସ୍ଥ୍ୟକର୍ମୀ ମନୋଜ ପାଣ୍ଡେଙ୍କୁ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି।

# ଆବାସ ଘରେ ଲାଗୁଛି ବିଜୁ ପକ୍କାଘର ଷ୍ଟିକର: ଭାଜପା

**ବିଭିନ୍ନ ବ୍ଲକ ଅଫିସ ଘେରିଲା ଦଳ**
**ସମାଧାନ ନ ହେଲେ ଆନ୍ଦୋଳନ**



ଭାଜପା ନେତା ଓ କର୍ମୀମାନେ ଚନ୍ଦାହାଣ୍ଡି ଥାନା ଅଧିକାରୀଙ୍କୁ ଏତଲା ଦେଉଛନ୍ତି ।

ନବରଙ୍ଗପୁର/ଉମରକୋଟ/ଚନ୍ଦାହାଣ୍ଡି, ୨୮।୧୨(ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରେ ବିଜେଡି ଚଞ୍ଚକତା କରି ବିଜୁ ପକ୍କାଘର ଷ୍ଟିକର ମାରୁଥିବା ଅଭିଯୋଗ ଆଣିଛି ଭାଜପା। ଏହା ବିରୋଧରେ ଦଳ ବିଭିନ୍ନ ସ୍ଥାନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛି। ବ୍ଲକ ପ୍ରଶାସନ ଏଭଳି କାର୍ଯ୍ୟରୁ ଦୂରେଇ ନ ରହିଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝିଙ୍କ ଅଧ୍ୟକ୍ଷତାରେ ଜିଲା ଭାଜପା କର୍ମୀ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ନବରଙ୍ଗପୁର ବ୍ଲକ ପରିସରକୁ ଯାଇଥିଲେ। ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ସମ୍ମୁଖରେ ବିଜୁ ପକ୍କାଘର ଷ୍ଟିକରଗୁଡ଼ିକ ଚିରିବା ସହିତ ନିଆଁ ଲଗାଇଥିଲେ। ଏହି କାର୍ଯ୍ୟକ୍ରମରେ ନଗର ମୋର୍ଚ୍ଚା ସଭାପତି ପିଣ୍ଟୁ ମିଶ୍ର, ଓବିସି ମୋର୍ଚ୍ଚା ସଭାପତି ମନୋଜ ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ।

ସେହିଭଳି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅନେକ କର୍ମୀଙ୍କୁ ନେଇ ସ୍ଥାନୀୟ ବିଡିଓ କାର୍ଯ୍ୟାଳୟରେ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥଲେ। ୭ ଦିନ ଭିତରେ ଏହି ସମସ୍ୟାର ସମାଧାନ ନ ହେଲେ ଦଳ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସେଠାରେ ଉପସ୍ଥିତ ଏବିଡିଓଙ୍କୁ ବିଧାୟକ କହିଥିଲେ। ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ପୂର୍ବତନ ନଗରପାଳ ପି.ରାବଣ ରାଓ, ଉମରକୋଟ ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟ, ଭାମିନି ସରପଞ୍ଚ କୃଷ୍ଣ ଭାତ୍ରା, ହୀରାପୁର ସରପଞ୍ଚ କାମ ସିଂ ମାଝି, ସମିତି ସଭ୍ୟ ବନ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ଚନ୍ଦାହାଣ୍ଡିରେ ଭାଜପାର ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପ ବାଗ ଏବଂ ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝିଙ୍କ ନେତୃତ୍ୱରେ କର୍ମୀମାନେ ଥାନାଧିକାରୀ ପରମାନନ୍ଦ ସୁନାନୀଙ୍କୁ ଏହା ବିରୋଧରେ ଏକ ଏତଲା ଦେଇଥିଲେ। ଏହି ସମୟରେ ରାଜ୍ୟ ଭାଜପା ଉପସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ବଳଭଦ୍ର ମାଝି, ରାୟଗଡ଼ା ଜିଲା ଭାଜପା ପ୍ରଭାରୀ ଗୋବିନ୍ଦ କୁମାର ଜୈନ, ଜିଲା ପରିଷଦ ଜୋନ୍-୧ ଶ୍ୟାମସୁନ୍ଦର ମାଝି, ବରିଷ୍ଠ ନେତା ମନଧର ଧୁରିଆ, ମହେନ୍ଦ୍ର ନାୟକ, କେଦାର ପୂଜାରୀ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ନେତାମାନେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ।

**କୀଟନାଶକ ପିଇ ୨ ଗୁରୁତର**

ଗୁଣପୁର, (ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ସହର ମରାଠିଗୁଡ଼ା ଅଞ୍ଚଳରେ କୀଟନାଶକ ପିଇ ୨ଜଣ ଗୁରୁତର ହୋଇଛନ୍ତି। ଦୁହେଁ ହେଲେ ମରାଠିଗୁଡ଼ାର ରଶ୍ମିତା ଶବର(୨୩) ଏବଂ ହାଡୁଗୁଡ଼ାର ଜ୍ୟୋତିଷ ଶବର(୨୪)। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ସ୍ଥାନାନ୍ତର କରାଯାଇଛି। ରଶ୍ମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ରହିଥିବା ଜଣାପଡ଼ିଛି। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଥିବାବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ଥାନାରେ ଏତଲା ଦେଲା ଭାଜପା

ନନ୍ଦହାଣ୍ଡି,୨୮।୧୨(ଡି.ଏନ୍.ଏ.)
ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ହୋଇଥିବା ଘରେ ବିଜେଡି ଚଅଁକତା କରି ବିଜୁ ପକ୍କାଘର ଷ୍ଟିକର ମାରୁଥିବା ଅଭିଯୋଗ ଆଣିଛି ଭାଜପା। ଏ ନେଇ ନନ୍ଦାହାଣ୍ଡି ବ୍ଲକ ଭାଜପା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଡଙ୍ଗରଭେଜା ଫାଣ୍ଡିରେ ଏତଲା ଦେଇଛି। ପାଣ୍ଡି ଅଧିକାରୀ ଠଣ ସୁନ୍ଦର ନାୟକ ଏତଲା ଗ୍ରହଣ କରିଥିଲେ। ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଏହି ସମୟରେ ଉପସ୍ଥିତ ଥିଲେ। ଡଙ୍ଗରଭେଜା ଲ୍ୟାମ୍ପ୍ସରୁ ଏକ ବାଇକ ଶୋଭାଯାତ୍ରାରେ ଭାଜପା କର୍ମୀ ବାହାରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହି ସମୟରେ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ନାୟକ, ଦେବୀ ମହାପାତ୍ର, ଶ୍ରୀନିବାସ ଶତପଥୀଙ୍କ ସହ ୬୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଯୁବପିଢ଼ିଙ୍କ ନେତୃତ୍ୱରେ ଦଳ ସୁଦୃଢ଼ ହୋଇପାରିବ

ନବରଙ୍ଗପୁର,୨୮।୧୨(ବି.ପ୍ର.)
ଜାତୀୟ କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅରଟ ଚିହ୍ନ ଥିବା ପତାକାକୁ ପ୍ରଥମେ ଉତ୍ତୋଳନ କରାଯାଇଥିଲା। ଏହାପରେ ସ୍ଥାନୀୟ ବରିଷ୍ଠ କର୍ମୀମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ଯୁବପିଢ଼ିଙ୍କ ନେତୃତ୍ୱରେ ଦଳ ସୁଦୃଢ଼ ହୋଇପାରିବ ବୋଲ ମୁନା ତ୍ରିପାଠୀ ମତ ଦେଇଥିଲେ। ଦଳକୁ ଦୃଢ଼ କରିବାକୁ ସେ ଯୁବକର୍ମୀଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାରାୟଣ ମିଶ୍ର ନୂତନ ତହସିଲଦାର

ଗୁଣପୁର,୨୮।୧୨(ଡି.ଏନ୍.ଏ.)-
ରାୟଗଡ଼ା ଜିଲା ଗୁଣପୁର ତହସିଲଦାରଭାବେ ନାରାୟଣ ମିଶ୍ର ନିଯୁକ୍ତି ପାଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପୂର୍ବରୁ ସେ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟରଭାବେ କାର୍ଯ୍ୟରତ ଥିଲେ। ଗୁଣପୁରରେ ପଥର ଖାଦାନ ଏବଂ ବାଲି ଚୋରାଚାଲାଣକୁ ନେଇ ବିବାଦ ଲାଗିରହିଥିବାବେଳେ ନୂତନ ତହସିଲଦାରଙ୍କ ପାଇଁ ଆଗକୁ ଚ୍ୟାଲେଞ୍ଜ ରହିଛି ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୧୬ରେ ଗୁଣପୁର ପଥର ଖାଦାନରେ ବିସ୍ଫୋରଣ ଘଟି ୩ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ତହିସଲାଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ ଅକ୍ଟୋବର ୨୧ରେ ନିଲମ୍ବନ କରିଥିଲେ।

## ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ଗୁଣପୁର,୨୮।୧୨(ଡି.ଏନ୍.ଏ.)-
ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ତମକିମାନଗୁଡ଼ାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୯ ବଖରା ଘର ଓ ଆସବାବପତ୍ର ନଷ୍ଟ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଗୌରି ଗମାଙ୍ଗ ଅଗ୍ନିବିପନ୍ନ ପରିବାରକୁ ପଞ୍ଚାୟତ ପକ୍ଷରୁ ଚାଉଳ ଏବଂ ରୋଷେଇ ନିମନ୍ତେ ବାସନ କୁସନ ପ୍ରଦାନ କରିଛନ୍ତି।

# ଘୋଷଣାରେ ରହିଛି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ

**ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ଚିକିତ୍ସା ସୁବିଧା ନାହିଁ। ଆଇସିୟୁ, ଭେଣ୍ଟିଲେଟର ନ ଥିବା ଯୋଗୁ ଗୁରୁତର ରୋଗୀ ପଡ଼ୋଶୀ ଜିଲା ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ବିଭିନ୍ନ ରୋଗର ପରୀକ୍ଷା ପାଇଁ ମେଶିନ ରହିଥିଲେ ମଧ ସେଗୁଡ଼ିକ ଚଳାଇବା ନିମନ୍ତେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ଆଧୁନିକ ଯନ୍ତ୍ରପାତିର ଅଭାବ ମଧ ରହିଛି। ଏଥିପାଇଁ ଅନେକ ଗରିବ ଲୋକ ବାହାରକୁ ଯାଇ ନ ପାରି ମୃତ୍ୟୁମୁଖରେ ପଡ଼ୁଛନ୍ତି। ତେଣୁ ଜିଲାରେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି ହୋଇଆସୁଛି। ୩୨୭.୪୦ କୋଟି ଟଙ୍କା ବ୍ୟୟରେ ଏକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଚାହୁଁଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ୨୦୧୪ ମସିହାରେ ବିଧାନସଭାରେ ଘୋଷଣା କରିଥିଲେ। ଏଥିପାଇଁ ଜମି ଚିହ୍ନଟ ହୋଇଥିବା ମଧ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କାମ ଆଗେଇ ପାରିନାହିଁ। ଜିଲାକୁ ଉପେକ୍ଷା କରାଯାଉଥିବାରୁ ଜିଲାବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି।**


ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ।

ରାୟଗଡ଼ା ଅଫିସ,୨୮।୧୨–
ଉପାନ୍ତ ରାୟଗଡ଼ା ଜିଲାରେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାର ସମ୍ମତି ଦେଇଥିଲେ। କେନ୍ଦ୍ର ସରକାରଙ୍କ ଭାଏବିଲିଟି ଗ୍ରାଫ୍ ଫଣ୍ଡିଂ ମାଧ୍ୟମରେ ରାୟଗଡ଼ା ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ୨୦୧୪ରେ ଓଡ଼ିଶା ସରକାର ୩୨୭.୪୦ କୋଟି ଟଙ୍କା ବ୍ୟୟରେ ଏକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ କରିବାକୁ ଚାହୁଁଥିବା କଥା ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ମଧ ଘୋଷଣା କରିଥିଲେ। ଏଥିପାଇଁ ୨୦–୨୫ ଏକର ଜାଗା ଚିହ୍ନଟ ହୋଇଛି ବୋଲି ସରକାର ଘୋଷଣା କରିଥିଲେ। ହେଲେ ଅଦ୍ୟାବଧି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ନେଇ କୌଣସି ଅଗ୍ରଗତିର ସୂଚନା ନାହିଁ। ତେଣୁ ଜିଲାବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି।

କେନ୍ଦ୍ର ସରକାର ଦେଶରେ ୭୫ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ। ଏଥିପାଇଁ ସ୍ୱଳ୍ପ ସେବା ରହିତ ଓ ଆସ୍ପିରେଶନାଲ ଜିଲାଗୁଡ଼ିକରେ (ଯେଉଁଠାରେ ପୂର୍ବରୁ ମେଡିକାଲ କଲେଜ ହସ୍ପିଟାଲ ନାହିଁ) ସେହି ଜିଲାର ମୁଖ୍ୟ ଚିକିତ୍ସାଳୟରେ ୨୦୦ ଶଯ୍ୟାର ସୁବିଧା ରହିଥିବ, ସେଠାରେ ଅଗ୍ରାଧିକାର ଭିତ୍ତିରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁଦାନ ଦିଆଯିବ ବୋଲି କୁହାଯାଇଥିଲା। କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଘୋଷଣା ଅନୁଯାୟୀ ରାୟଗଡ଼ା ଜିଲା ଏକ ପଛୁଆ ଏବଂ ଆସ୍ପିରେଶନାଲ ଜିଲା ଭାବେ ପରିଚିତ। ଏଠାରେ ୩୦୦ ଶଯ୍ୟାର ସୁବିଧା ମଧ ହୋଇପାରିବ। ଜିଲା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପାଇଁ ହକ୍‌ଦାର ବୋଲି ରାୟଗଡ଼ାର ବହୁ ସଙ୍ଗଠନ ମିଳିତ ଭାବେ ପୂର୍ବରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ଏ ନେଇ ଆଉ କେତୋଟି ସଙ୍ଗଠନ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ମେଡିକାଲ କଲେଜ ପାଇଁ ଦାବି ଜଣାଇବା ସହ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପଠାଇବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅନୁରୋଧ କରିଥିଲେ। ସେହିପରି ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ ଏବଂ ଅନ୍ୟ ସ୍ଥାନୀୟ ନେତା ମଧ ମିଳିତଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇପାରୁ ନ ଥିବାରୁ କାମ ଆଗକୁ ବଢ଼ିପାରୁ ନ ଥିବା ଜଣାପଡ଼ିଛି।

**ଏମାନେ ଯାହା କୁହନ୍ତି..**

"ଏ ସମ୍ପର୍କରେ ବାରମ୍ବାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଛୁ, କିନ୍ତୁ କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏକ ଡିପିଆର୍ ପ୍ରସ୍ତୁତ କରି କେନ୍ଦ୍ରକୁ ପଠାଇବା ଆବଶ୍ୟକତା ରହିଛି। ହେଲେ ଶାସକ ଦଳ ଡିପିଆର ପ୍ରସ୍ତୁତ କରିବାକୁ ଚାହୁଁନାହାନ୍ତି। ତେଣୁ ମେଡିକାଲ କଲେଜ ବିଷୟ ଆଗକୁ ବଢ଼ି ପାରୁନାହିଁ ବୋଲି ସେ କହିଛନ୍ତି।
**ସପ୍ତଗିରି ଉଲାକା, ଏମ୍‌ପି କୋରାପୁଟ**

"ମୋ ପାଖରେ ଖବର ନାହିଁ। ଆମକୁ ସରକାରଙ୍କ ଯାହା ନିର୍ଦ୍ଦେଶ ଆସିବ, ଆମେ କରିବୁ ବୋଲି ସେ କହିଛନ୍ତି। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୀଘ୍ର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା କରାଯାଉ ବୋଲି ଜିଲାବାସୀ ଦାବି କରିଛନ୍ତି।
**ଡା. ଆର୍ତ୍ତବନ୍ଧୁ ନାୟକ, ସିଡିଏମ୍‌ଓ, ରାୟଗଡ଼ା**

# ଦୁର୍ଘଟଣାରେ ଯବାନଙ୍କ ମୃତ୍ୟୁ

ବୋରିଗୁମ୍ମା,୨୮।୧୨(ଡି.ଏନ.ଏ.)
କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ସଡକ ଦୁର୍ଘଟଣାରେ ଜଣେ ଯବାନ ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ବୋରିଗୁମ୍ମା ବ୍ଲକ ସନ୍ତୋଷପୁର ଗ୍ରାମର ଜଗନ୍ନାଥ ମାଝୀ। ଝାଡ଼ଖଣ୍ଡ ସିଆରପିଏଫରେ କାମ କରୁଥିବା ଜଗନ୍ନାଥ ଛୁଟିରେ ଗାଁକୁ ଆସିଥିଲେ। ୨୦ରେ କୁମିଳି ନିକଟସ୍ଥ କଙ୍ଗାରଗୁଡା ଛକଠାରେ ଦୁଇ ବାଇକ୍ ମୁହାଁମୁହିଁ ହୋଇଥିଲା। ଦୁର୍ଘଟଣାରେ ଜଗନ୍ନାଥ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କୋରାପୁଟ ଓ ପରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ୨୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ ଶରୀର ନିଜ ଗ୍ରାମରେ ପହଞ୍ଚିବା ପରେ ସିଆରପିଏଫ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବି.ସିଂହପୁର ଥାନା ଅଧିକାରୀଙ୍କ ସମେତ ସିଆରପିଏଫର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

**ସିଆରପିଏଫ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ**

# ରାମ ମନ୍ଦିର ନିର୍ମାଣ ନିଧି ସଂଗ୍ରହ ସମିତିର ବୈଠକ


ବୈଠକରେ ଉପସ୍ଥିତ ମନ୍ଦିର ନିର୍ମାଣ ନିଧି ସଂଗ୍ରହ ସମିତିର ସଦସ୍ୟମାନେ।

ଗୁଣପୁର,୨୮।୧୨(ଡି.ଏନ୍.ଏ.)
ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ବିଜୟପୁରଠାରେ ସୋମବାର ରାମ ମନ୍ଦିର ନିର୍ମାଣ ନିଧି ସଂଗ୍ରହ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତାରା ପ୍ରସାଦ ଶତପଥୀ ନିଧି ସଂଗ୍ରହ ସମିତିର ଜିଲା ସଦସ୍ୟ ୱାଇ. ଗଣପତି, ଗୁଣପୁର ଉପଖଣ୍ଡ ନିଧି ସଂଗ୍ରହ ସମିତି ଅଭିଯାନର ପ୍ରମୁଖ ଗୋପାଳକୃଷ୍ଣ ଦେଓପାତ୍ର, ଶିରିଝୋଲି ପଞ୍ଚାୟତ ନିଧି ସଂଗ୍ରହ ସମିତିର ପ୍ରମୁଖ ସନ୍ତୋଷ ଗୌଡ଼, ସଂଘର ପ୍ରଭାତ ମହାପାତ୍ର, ଗୁଣପୁର ଖଣ୍ଡ କାର୍ଯ୍ୟବାହ ବାଲ୍‌ଗୋପାଲ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ ନିମନ୍ତେ ନିକଟରେ ପହଞ୍ଚି ଏ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ପାଢ଼ୀ, ବଦ୍ରିକା ଚୌଧୁରୀ, କୈଳାସ ବଡ଼ପନ୍ଦରା, ଉମାଶଙ୍କର ମହାଙ୍କୁଡ଼, ଜଗଦିଶ ପଣ୍ଡା, ଜାମିସରିଆ ରାଓ, ପ୍ରମୋଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଫାଲଗୁନି ଶବର, ରବି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁତର ଅବସ୍ଥାରେ ହେଟାବାଘ ଉଦ୍ଧାର

ମାଲକାନଗିରି,୨୮।୧୨(ଡି.ଏନ୍.ଏ.)
ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି–୧୩ ଗ୍ରାମ ମୁଖ୍ୟରାସ୍ତା ପାର୍ଶ୍ୱରୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଏକ ହେଟାବାଘକୁ ଉଦ୍ଧାର କରାଯାଇଛି। ବାଘଟି ନିକଟସ୍ଥ ଦରିଗୁଡା ଜଙ୍ଗଲରେ ରହୁଥିଲା। ରବିବାର ବିଳମ୍ବିତ ରାତିରେ ହେଟାବାଘ ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡ଼ି ତାକୁ ଧକ୍କା ଦେଇ ଚାଲିଯାଇଛି। ଫଳରେ ବାଘଟି ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱର ଏକ ନାଳରେ ପଡ଼ିରହିଥିଲା। ସୋମବାର ସକାଳେ ଗ୍ରାମବାସୀ ବାଘକୁ ଏପରି ଅବସ୍ଥାରେ ଦେଖି ମାଲକାନଗିରି ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀମାନେ ପହଞ୍ଚି ହେଟାବାଘକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ହେଟାବାଘ ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡ଼ାଯିବ ବୋଲି ଡିଏଫ୍‌ଓ ମିରାସେ ଦେବୀଦାସ କହିଛନ୍ତି।


ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ହେଟାବାଘ।

## କଂଗ୍ରେସ ପ୍ରତିଷ୍ଠା ଦିବସ

ମାଲକାନଗିରି,୨୮।୧୨(ଡି.ଏନ୍.ଏ.)-
ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ୧୩୬ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ କଂଗ୍ରେସ ଭବନଠାରେ ସାମାଜିକ ଦୂରତା ବଜାୟ ରଖି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ରାମ ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଭକ୍ତ, ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗୀ, ପି. କେଶୁ ରାଓଙ୍କ ସହ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ଜିଲା ସଭାପତି ପାତ୍ର ଦଳୀୟ ପତାକା ଉତ୍ତୋଳନ କରି କଂଗ୍ରେସ ଦଳର ପ୍ରତିଷ୍ଠା, ଆଭିମୁଖ୍ୟ ଏବଂ ସ୍ୱାଧୀନତା ସଂଗ୍ରାମରେ ଦଳର ଭୂମିକା ସମ୍ପର୍କରେ ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଦଳକୁ ସଙ୍ଗଠିତ କରି ମଜଭୁତ କରିବାକୁ ଆଜିର ଦିବସରେ ସମସ୍ତେ ଶପଥ ନେବାକୁ ପରାମର୍ଶ ଦେଇଥିଲେ।

# ୧୦୦ ରୋଗୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା


ଡାକ୍ତର ରୋଗୀଙ୍କୁ ଚିକିତ୍ସା କରୁଛନ୍ତି।

ବିଷମକଟକ,୨୮।୧୨–
ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ବ୍ରହ୍ମପୁର ସିଟି ହସ୍ପିଟାଲରୁ ମାନସିକ ରୋଗ ବିଶେଷଜ୍ଞ ଡା. ଶର୍ମିଷ୍ଠା ପ୍ରିୟଦର୍ଶନୀ, ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର କାଦମ୍ବାଲା ଉପସ୍ଥିତ ରହି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଠାରେ ୧୦୦ ରୋଗୀଙ୍କ ଚିକିତ୍ସା କରାଯାଇ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଯେଉଁ ଜିଲାରେ ମାନସିକ ରୋଗ ବିଶେଷଜ୍ଞ ନିଯୁକ୍ତ ହୋଇନାହାନ୍ତି, ସେହି ଜିଲାରେ ମାନିସିକ ସାସ୍ଥ୍ୟ ଶିବିର ନିମନ୍ତେ ରାଜ୍ୟ ସରକାର ସୁବିଧା କରିଛନ୍ତି। ୩ମାସରେ ଥରେ ଏଭଳି ଶିବିର କରାଯାଉଥିବା ଡାକ୍ତର କହିଛନ୍ତି। ଶିବିରରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଂଶୁପ୍ରଭା ମହାନ୍ତି, ବ୍ଲକ୍ କର୍ଯ୍ୟକ୍ରମ ପରିଚାଳକପ୍ରଭାକରଧଳଏବଂବ୍ଲକ୍‌ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନାରାଣୀ ମହାରଣା ଏହାକୁ ପରିଚାଳନା କରିଥିଲେ।

## ଗ୍ରାମ ବୁଲିଲେ, ଲୋକଙ୍କ ସମସ୍ୟା ବୁଝିଲେ

କୋରାପୁଟ,୨୮।୧୨(ସ୍ୱ.ପ୍ର.)
ଗ୍ରାମାଞ୍ଚଳର ବିକାଶ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ହୋଇଥିବାରୁ ସୋମବାର ବିଧାୟକ ଓ ଲୋକ ପ୍ରତିନିଧିମାନେ କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ବିଧାୟକ ରଘୁରାମ ପଡାଲ,ବିଜେଡି ଜିଲା ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥି ବେହେରା, ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କୋରାପୁଟ ବ୍ଲକ ମହୁପୁଟ ପଞ୍ଚାୟତର ଦେଶନାୟକଗୁଡା ଗ୍ରାମ ପରିଦର୍ଶନ କରିଛନ୍ତି। ଗ୍ରାମକୁ ଯିବା ପାଇଁ ଭଲ ରାସ୍ତା ନ ଥିବା, ଆବେଦନ କରି ଇନ୍ଦିରା ଆବାସ ପାଇ ନ ଥିବା, ଗ୍ରାମର ବିଦ୍ୟୁତ, ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଲୋକ ପ୍ରତିନିଧିଙ୍କୁ ଜଣାଇଥିଲେ। ସବୁ ସମସ୍ୟାର ଶୀଘ୍ର ସମାଧାନ ନେଇ ସେମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ଜିଲା ଉପସଭାପତି ଉତ୍କଳ ରଞ୍ଜନ ନାୟକ, ସୁରେଶ ପଟ୍ଟନାୟକ, ବିମଳ ଗରଡା ,ମଣ୍ଟୁ ବେନିଆ ଉପସ୍ଥିତ ଥିଲେ।



# ଜୟପୁରରେ ଗୀତି କବିତା ଆସର


ଆସରରେ ଉପସ୍ଥିତ ଅତିଥି।

ଜୟପୁର,୨୮।୧୨ (ନି.ପ୍ର. )
ଜୟପୁରସ୍ଥିତ ସ୍ମିତା ଟ୍ରଷ୍ଟ ପକ୍ଷରୁ ଗୀତି କବିତା ଆସର ଓ ଆଲୋଚନାଚକ୍ର ପାରାବେଡା ସ୍ଥିତ ବିଜୟ ନାରାୟଣ ସଭାକକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ଆସରରେ ମୁଖ୍ୟ ଅତିଥି ରୂପେ ଓଏସଏ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢୀ, ମୁଖ୍ୟବକ୍ତା ରୂପେ ଗବେଷକ ମନମୋହନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ପ୍ରକାଶ ଚନ୍ଦ୍ର ଦାଶ ଏବଂ ସାହିତ୍ୟିକ ଅନିଲ ଚନ୍ଦ୍ର ଦାଶ ଯୋଗଦେଇ 'ଓଡ଼ିଆ ସାହିତ୍ୟରେ ଗୀତି କବିତା : ଏକ ଆଲୋଚନା' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। କବି ପ୍ରକାଶ ମହାନନ୍ଦିଆ ଅତିଥିଙ୍କୁ ଆମନ୍ତ୍ରଣ ଓ ଅଶୋକ ମହାରଣା ଅତିଥି ପରିଚୟ ଦେଇଥିଲେ। ଶିଶୁ କଣ୍ଠଶିଳ୍ପୀ ହର୍ଷିତା ପଟ୍ଟନାୟକଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗୀତି କବିତା ପାଠୋତ୍ସବ ହୋଇଥିଲା। କବି ଯଜ୍ଞେଶ୍ୱର ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ମହାନନ୍ଦିଆ ଏବଂ ସଂଯୋଜିକ ଭାବେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଏବଂ ସବିତା ଶତପଥୀ ଦାୟିତ୍ୱ ତୁଲାଇଥିଲେ। ମମତା ମହାପାତ୍ର, ପ୍ରେମଚାନ୍ଦ ପଟ୍ଟନାୟକ, ସୁଧୀର କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ହୋତା, ସୁଶାନ୍ତ ଅଧିକାରୀ, କିଶୋର ଚନ୍ଦ୍ର ନନ୍ଦ , କବିତା ସାହୁ, ସତ୍ୟଭାମା ସାହୁ, ଗୌରୀ ପଣ୍ଡାଙ୍କ ସହ ଅନ୍ୟମାନେ କବିତା ପାଠ କରିଥିଲେ। ଏହି ଅବସରରେ ପ୍ରକାଶ ମହାନନ୍ଦିଆ 'ଛିନ୍ନବୀଣାର ମୁର୍ଚ୍ଛନା' ଓ ଉଦୟନାଥ ପାତ୍ରଙ୍କ 'ଭଜନ ଗୀତ ଓ ଜଣାଣ' ଲୋକାର୍ପିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କୃଷ୍ଣଚନ୍ଦ୍ର ହୋତା ଅତିଥି ପରିଚୟ ଦେଇଥିବା ବେଳେ କବିତା ସାହୁ ଧନ୍ୟବାଦ ଦେଇଥିଲେ।

# ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କୁ ଘେରିଲେ ଚାଷୀ

କୋରୁକୋଣ୍ଡା,୨୮।୧୨(ଡି.ଏନ.ଏ.)
ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଲ୍ୟାମ୍ପସ ଅଧିକାରୀ ଓ ବ୍ୟବସାୟୀଙ୍କ ମନଇଛା କାରବାରର ପ୍ରତିବାଦ କରିଛନ୍ତି ଚାଷୀ। ଚାଷୀଙ୍କ ଧାନ ଉଠାଯାଉ ନ ଥିବାରୁ ସୋମବାର ଚାଷୀମାନେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କୁ ଘେରାଉ କରଥିଲେ। ବ୍ଲକର ଡୁଡାମେଟା ମଣ୍ଡିରେ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇ ଧାନ ବ୍ରିକି ପାଇଁ ୨୧ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ଦିନ ଚାଷୀ ଧାନ ଆଣିଥିଲେ ସୁଦ୍ଧା ବିଭିନ୍ନ ଆଳ ଦେଖାଇ ଡିସେମ୍ବର ୨୮ରେ ଧାନ ଉଠାଯିବ ବୋଲି ଲ୍ୟାମ୍ପସ ପକ୍ଷରୁ କୁହାଯାଇଥିଲା। ୮ ଦିନ ହେଲା ଚାଷୀ ଶୀତ କାକରରେ ମଣ୍ଡିରେ ଧାନ ଜଗି ରହିଛନ୍ତି। ଏପରିସ୍ଥଳେ ସୋମବାର ପୂର୍ବଭଳି ଆଳ ଦେଖାଇ ଧାନ ଉଠା ନ ଯାଇ ଜାନୁୟାରୀ ୪ରେ ଧାନ କ୍ରୟ କରାଯିବ ବୋଲି କୁହାଯାଇଥିଲା। ଏହାର ଚାଷୀ ଦୃଢ ବିରୋଧ କରିଥିଲେ। ଏହି ମଣ୍ଡିରେ ସିସି ଟିଭି ଲାଗି ନ ଥିବାରୁ ଲ୍ୟାମ୍ପସ କର୍ତ୍ତୃପକ୍ଷ ମନମୁଖୀ କାରବାର ଚଳାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଯେଉଁ ଚାଷୀଙ୍କ ଟୋକନ ନମ୍ବର ପ୍ରଥମେ ରହିଛି, ସେମାନଙ୍କ ଧାନ ପ୍ରଥମେ ନିଆ ନ ଯାଇ ବ୍ୟବସାୟୀ ଓ ଦଲାଲଙ୍କ ଧାନ କ୍ରୟ କରାଯାଉଥିବା ଚାଷୀ ମାଲା ପଡ଼ିଆମି, ରମାକାନ୍ତ ପଡ଼ିଆମି ସହ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଅଭିଯୋଗ କରିଛନ୍ତି।। ତେବେ ସରକାର ୩ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟୋକନ ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୨ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଉଛି । ଏହା ପରେ ଯେଉଁ ଧାନ ବଳକା ଧାନ ରହୁଛି, ତାହା ଅନ୍ୟ ତାରିଖରେ କ୍ରୟ କରାଯାଉଛି । କେଣସି ବ୍ୟସାୟୀ କିମ୍ବା ଦଲାଲଙ୍କଠାରୁ ଧାନ କ୍ରୟ କରାଯାଉନାହିଁ ବୋଲି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ନାୟକ କହିଛନ୍ତି।


ମଣ୍ଡିରେ ଚାଷୀମାନେ ପ୍ରତିବାଦ କରୁଛନ୍ତି ।

**ଡୁଡାମେଟା ମଣ୍ଡିରେ ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠୁନି**

